# 'ସମ୍ବାଦ'ର ସମାବର୍ତ୍ତନ ଉତ୍ସବ ଆଜି: ଚଳିତ ବର୍ଷର ଅତିଥି ମନୋଜ ଦାସ

ଭୁବନେଶ୍ୱର, ୩।୧୦ (ଇ.ମି.ସ.) : 'ସମ୍ବାଦ'ର ଷୋଡଶ ବାର୍ଷିକ ଉତ୍ସବ ଆଜି ୪ ତାରିଖ (ବୁଧବାର) ସଂଧ୍ୟା ୬.୩୦ରେ ରାଜ୍ୟ ସୂଚନା ଭବନଠାରେ ଅନୁଷ୍ଠିତ ହେଉଛି । ଏହି ଉତ୍ସବରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ମନୋଜ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଉଛନ୍ତି । ସମାବର୍ତ୍ତନ ଉତ୍ସବ ମଞ୍ଚରେ ଚଳିତ ବର୍ଷ 'ସମ୍ବାଦ' ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରାଙ୍କନ, ପ୍ରବନ୍ଧ, ବିତର୍କ ଓ ଲଘୁ କଣ୍ଠ ସଂଗୀତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ୧୯୯୯ର 'କଥା' ନବ ପ୍ରତିଭା ପ୍ରତିଯୋଗିତା ଓ ଉପନ୍ୟାସ ପାଣ୍ଡୁଲିପି ପ୍ରତିଯୋଗିତାରେ ବିଜୟୀ ତରୁଣ କଥାକାରମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯିବ ।



ଚଳିତ ବର୍ଷର ଅତିଥି: 'ସମ୍ବାଦ' ସମାବର୍ତ୍ତନ ଉତ୍ସବର ଅତିଥି ମନୋଜ ଦାସ, ୧୯୩୪ ମସିହାରେ ବାଲେଶ୍ୱରର ଶଂଖାରୀ ଗ୍ରାମରେ ଜନ୍ମଲାଭ କରିଥିଲେ । ସେ ଏଭଳି ଜଣେ ବିଶିଷ୍ଟ ଲେଖକ ଯାହାକୁ ନେଇ ଓଡ଼ିଶା ଗର୍ବ ଅନୁଭବ କରିଥାଏ । ଜଣେ ଉଚ୍ଚକୋଟୀର ଲେଖକ, ବାଗ୍ମୀ, ସମ୍ପାଦକ ଓ ସ୍ତମ୍ଭକାର ଭାବରେ ତାଙ୍କର ପ୍ରସିଦ୍ଧି ରହିଛି । ଛାତ୍ର ଜୀବନରେ ସେ ଜଣେ ବେସାଲିସ ଛାତ୍ରନେତା ଥିଲେ ଏବଂ ୧୯୫୬ରେ ଇଣ୍ଡୋନେସିଆରେ ଅନୁଷ୍ଠିତ ଆଫ୍ରୋ-ଏସିଆନ ଛାତ୍ର ସମ୍ମିଳନୀରେ ଯୋଗଦେବା ଲାଗି ଯାଇଥିଲେ । ୧୯୫୯ରେ କଟକର ଖ୍ରୀଷ୍ଟ କଲେଜରେ ଇଂରାଜୀ ଅଧ୍ୟାପକ ଭାବେ ସେ ଯୋଗ ଦେଇଥିଲେ ହେଁ ପରବର୍ତ୍ତୀ

ପୃଷ୍ଠା-୮ ଦେଖନ୍ତୁ

## ସମ୍ବାଦର ସମାବର୍ତ୍ତନ ଉତ୍ସବ....ପୃଷ୍ଠା ୧ରୁ

ସମୟରେ ପଣ୍ଡିଚେରୀଠାରେ ଅବସ୍ଥିତ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଅଧ୍ୟାପକ ଭାବେ ଯୋଗ ଦେଇଥିଲେ । ୧୯୬୩ରୁ ଅଦ୍ୟାବଧି ସେ ସେହିଠାରେ ଅଧ୍ୟାପନା କରି ଆସୁଛନ୍ତି ।

ଭାରତୀୟ ସାହିତ୍ୟର ଜଣେ ଆଗଧାଡ଼ିର ଲେଖକ ଶ୍ରୀ ମନୋଜ ଦାସଙ୍କର ଉଭୟ ଇଂରାଜୀ ଏବଂ ଓଡ଼ିଆରେ ବହୁ ପୁସ୍ତକ ପାଠକମାନଙ୍କ ପାଖରେ ଅତ୍ୟନ୍ତ ପ୍ରିୟ । 'ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ', 'ଆବୁ ପୁରୁଷ ଓ ଅନ୍ୟାନ୍ୟ କାହାଣୀ', 'ମନୋଜ ଦାସଙ୍କ କଥା ଓ କାହାଣୀ', 'ମନୋଜ ପଞ୍ଚବିଂଶତି', 'କେତେ ଦିଗନ୍ତ', 'ଦୂର ଦୂରାନ୍ତର', 'ଅନ୍ତରଂଗ ଭାରତ', 'ବୁଲଡୋଜର୍ସ', 'ପ୍ରଭଞ୍ଜନ', 'ସମୁଦ୍ର କୂଳରେ ଏକ ଗ୍ରାମ' ଆଦି ସେହି ପ୍ରସିଦ୍ଧ ପୁସ୍ତକଗୁଡିକ ମଧ୍ୟରେ ଅନ୍ୟତମ । ଶ୍ରୀ ଦାସ ନିଜର ସାଧନା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ, ଶାରଳା ପୁରସ୍କାର, ଗଙ୍ଗାଧର ରଥ ଫାଉଣ୍ଡେସନ, ବିଷୁବ ପୁରସ୍କାର, ରାଜ୍ୟପାଳଙ୍କ ସମ୍ମାନ, ଡଗର ପୁରସ୍କାର, ଦକ୍ଷିଣ ଭାରତୀୟ ପୁସ୍ତକ ପ୍ରକାଶକ ପୁରସ୍କାର ପରି ଶତାଧିକ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି । ପୃଥିବୀର ବହୁ ରାଷ୍ଟ୍ର ଭ୍ରମଣ କରିଥିବା ଶ୍ରୀ ଦାସ ୧୯୮୧ରୁ ୧୯୮୫ ପର୍ଯ୍ୟନ୍ତ ସିଙ୍ଗାପୁର ସରକାରଙ୍କ ଶିକ୍ଷା ବିଭାଗର ଲେଖକ ପରାମର୍ଶଦାତା ଭାବେ ଯୋଗ ଦେଇଥିଲେ । ତାଙ୍କରି ସମ୍ପାଦନାରେ ୧୯୮୫ରୁ ୮୯ ଯାଏ ଇଂରାଜୀ ପତ୍ରିକା 'ଦି ହେରିଟେଜ' ପ୍ରକାଶ ପାଉଥିଲା ।